# ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

**ଡବ୍ଲ୍ୟୁ.ପି.(ସି) ସଂଖ୍ୟା 18837/2022**

**(ସଂଯୁକ୍ତ ପ୍ରଣାଳୀ ମାଧ୍ୟମରେ)**

| | | |
|---|---|---|
| *ଓଡ଼ିଶା ଜେସୁଇଟ ସୋସାଇଟି, ଭୁବନେଶ୍ୱର* | *....* | *ଆବେଦନକାରୀ* |

*-ବନାମ -*

| | | |
|---|---|---|
| *ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ* | *....* | *ପ୍ରତିପକ୍ଷମାନେ* |

**ଏହି ମାମଲାରେ ଉପସ୍ଥିତ ଅଧିବକ୍ତାମାନେ:**

| | |
|---|---|
| ଆବେଦନକାରୀଙ୍କ ନିମିତ୍ତ: | ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ଦାଶ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ନିମିତ୍ତ: | ଶ୍ରୀଯୁକ୍ତ ଜି.ଏନ୍.ରାଉତ୍, ଏ ଏସ୍ ସି |
| | ଶ୍ରୀଯୁକ୍ତ ଅମିତାଭ ଦାସ, ଅଧିବକ୍ତା |
| | ଶ୍ରୀଯୁକ୍ତ ରାକେଶ ନାୟକ, ଅଧିବକ୍ତା |

**ପୀଠାସୀନ:**

**ନ୍ୟାୟମୂର୍ତ୍ତି ଅରିନ୍ଦମ ସିହ୍ନା**
**ନ୍ୟାୟମୂର୍ତ୍ତି ସଞ୍ଜୀୟ କୁମାର ମିଶ୍ର**

---

**ଶୁଣାଣି ତାରିଖ 10.11.2022, 02.12.2022, 17.02.2023 ଏବଂ 02.05.2023**

**ରାୟ ତାରିଖ: 18.05.2023**

---

**<u>ଅରିନ୍ଦମ ସିହ୍ନା, ନ୍ୟାୟମୂର୍ତ୍ତି</u>**

**1.** ଆବେଦନକାରୀ ହେଉଛନ୍ତି ଓଡ଼ିଶା ରାଜ୍ୟ ଆର୍ଥିକ ନିଗମର କ୍ରେତା [(ଓ ଏସ୍ ଏଫ୍ ସି)/ପ୍ରତିପକ୍ଷ ସଂଖ୍ୟା 4]। ନିଗମ ଦ୍ୱାରା ସମ୍ପାଦିତ ହୋଇଥିବା 29 ଜାନୁଆରୀ, 2003 ର ହସ୍ତାନ୍ତର ଦଲିଲ ଦ୍ୱାରା ଆବେଦନକାରୀଙ୍କ ସପକ୍ଷରେ କ୍ରୟ କରାଯାଇଥିଲା । ତିନୋଟି ଆବୃତ୍ତି ଖଣ୍ଡ  ଏବଂ ପ୍ରଥମ ସାକ୍ଷୀ ଖଣ୍ଡ ନିମ୍ନରେ ପୁନଃ ଉପସ୍ଥାପନ କରାଯାଇଛି ।

"XX XX XX XX XX XX XX XX

ଯେହେତୁ ହସ୍ତାନ୍ତରକାରୀ ଶିଳ୍ପ ପ୍ରତିଷ୍ଠାନ, ମେସର୍ସ ଗ୍ରୀନ୍ ଭ୍ୟାଲି ଲାଇମ୍ସ (ପି) ଲିମିଟେଡ୍ କୁ ତା 21.11.96 ତାରିଖରେ ନିଜ ନିୟନ୍ତ୍ରଣକୁ ନେଇଯାଇଛନ୍ତି, **ଯାହାର ଉଦ୍ଦେଶ୍ୟ ହେଉଛି ହସ୍ତାନ୍ତରକାରୀଙ୍କ ଅଧିକାର ପ୍ରୟୋଗ କରି ବନ୍ଧକ ରଖାଯାଇଥିବା ସମ୍ପତ୍ତିକୁ ହସ୍ତାନ୍ତର କରିବା ଏବଂ ଆଦାୟ କରିବା ।**

ଯେହେତୁ **ଏସ୍ ଏଫ୍ ସି ଅଧିନିୟମ, 1951ର ଧାରା 29 ଅଧୀନରେ ଅଧିଗ୍ରହଣ ସମୟରେ ଉପଲବ୍ଧ ସମ୍ପତ୍ତି, ପ୍ରସ୍ତାବ ଆହ୍ବାନ କରି ସାଧାରଣ ଜନତାଙ୍କୁ ହସ୍ତାନ୍ତର ପାଇଁ ପ୍ରସ୍ତାବ ଦିଆଯାଇଥିଲା ।**

ଯେହେତୁ ହସ୍ତାନ୍ତରଗ୍ରାହୀ ଟ.25,00,000.00(ମାତ୍ର ପଚିଶ ଲକ୍ଷ ଟଙ୍କା) ର ଜରସମନ ପାଇଁ ସିଧାସଳଖ ହସ୍ତାନ୍ତର ଆଧାରରେ ନିମ୍ନରେ ଦିଆଯାଇଥିବା ଅନୁସୂଚୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦେଇଥିଲେ ।

XX XX XX XX XX XX XX XX

ବର୍ତ୍ତମାନ ଏହି ଫରମାସ ପତ୍ର ନିମ୍ନୋକ୍ତ ସାକ୍ଷ୍ୟ ଦେଉଛନ୍ତି

ଏତଦ୍ବାରା ଟ.25,00,000/- ର ବିଚାରକୁ ନେଇ ହସ୍ତାନ୍ତରଗ୍ରାହୀ ନିଗମକୁ ସମ୍ପୂର୍ଣ୍ଣ ରାଶି ଅର୍ଥାତ୍ ଟ.25,00,000/- ପ୍ରଦାନ କରିଛନ୍ତି, ଯାହାକୁ ନିଗମ ବିଧିବଦ୍ଧ ଭାବେ ସ୍ୱୀକାର କରୁଛି ଏବଂ **ଏଥିଦ୍ବାରା ଅନୁସୂଚୀତ ଜମି, କୋଠା ଏବଂ ଅନ୍ୟାନ୍ୟ ସଂରଚନା ଉପରେ ଅଧିକାର, ମାଲିକାନା ଏବଂ** ଏହା ଉପରେ ପ୍ରକାଶ, ବାୟୁ,ସର୍ବସାଧାରଣ ରାସ୍ତାକୁ ବାଟ ଏବଂ ଜଳ ନିଷ୍କାସନ ପଦ୍ଧତି ଏବଂ ଅନ୍ୟ ସମସ୍ତ ଉପଯୋଗୀ ସୁଖାଧିକାରର ସହାୟକ ଅଧିକାର ସହିତ **ଯାହା ଋଣଗ୍ରହୀତା**

*ଉପଭୋଗ କରୁଥିଲେ, ଋଣଗ୍ରହୀତା ଏବଂ ତାଙ୍କ ଉତ୍ତରାଧିକାରୀଙ୍କୁ ବାଦ ଦେଇ, ହସ୍ତାନ୍ତରଗ୍ରାହୀଙ୍କ ସପକ୍ଷରେ ହସ୍ତାନ୍ତର କରୁଛନ୍ତି ଏବଂ ହସ୍ତାନ୍ତରଗ୍ରାହୀ ହସ୍ତାନ୍ତର ପାଇଁ ଏକ ପୃଥକ ରାଜିନାମା ଅନୁଯାୟୀ ଯେହେତୁ ଅନୁସୂଚୀତ ସମ୍ପତ୍ତିର ଦଖଲରେ ଅଛନ୍ତି, ସେ ଦଖଲରେ ଥିବା ମାଲିକ ବୋଲି ବିବେଚିତ ହେବ ଏହି ଦିନଠାରୁ ସେ ଉପରୋକ୍ତ ସମସ୍ତ ସୁଖାଧିକାର ଉପଭୋଗ କରିବେ ।*

*xx xx xx xx xx xx xx xx*"

(ଗୁରୁତ୍ୱାରୋପ କରାଗଲା)

2. ଆବେଦନକାରୀଙ୍କ ତରଫରୁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ଦାଶ ହାଜର ହୁଅନ୍ତି ଏବଂ ଉପସ୍ଥାପନା କରନ୍ତି, ନିଗମ, ରାଜ୍ୟ ଆର୍ଥିକ ନିଗମ ଅଧିନିୟମ, 1951 ର ଧାରା 29, ଅନ୍ତର୍ଗତ କ୍ଷମତା ପ୍ରୟୋଗ ରେ ଶିଳ୍ପ ଏକକକୁ ଦଖଲ କରିଥିଲା । ଏହା ପରେ ତାଙ୍କ ମହକିଲ ତାଙ୍କ ସପକ୍ଷରେ ସମ୍ପତ୍ତି ସମାଧାନ ପାଇଁ ଆବେଦନ କରିଥିଲେ । ଏପରି କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏକ ତୃତୀୟ ପକ୍ଷ ଏହି ନିର୍ଦ୍ଦେଶ ବିରୁଦ୍ଧରେ ଆବେଦନ କରିଥିଲେ ଏବଂ ଅତିରିକ୍ତ ଉପ-ଜିଲ୍ଲାପାଳ 27 ଅଗଷ୍ଟ, 2015 ରେ ପାରିତ ଆଦେଶରେ ହସ୍ତାନ୍ତର ଅବୈଧ ବୋଲି କହିଥିଲେ । ତାଙ୍କ ମହକିଲ ସଂଶୋଧନ ପାଇଁ ଆବେଦନ କରିଥିଲେ । 29 ଏପ୍ରିଲ, 2020 ର ଆକ୍ଷେପିତ ଆଦେଶ ମାଧ୍ୟମରେ, ସଂଶୋଧନକୁ ନାମଞ୍ଜୁର କରାଯାଇଥିଲା ।

**3.** ଶ୍ରୀଯୁକ୍ତ ନାୟକ, ବିଜ୍ଞ ଅଧିବକ୍ତା, ଓ ଏସ୍ ଏଫ୍ ସି ତରଫରୁ ହାଜର ହୁଅନ୍ତି । ସେ ମଧ୍ୟ ଉପସ୍ଥାପନା କରନ୍ତି, ଆବେଦନଟି ତୃତୀୟ ପକ୍ଷର ଅନୁରୋଧରେ ଥିଲା । ଏହାକୁ ଗ୍ରହଣ କରାଯିବା ଉଚିତ ନଥିଲା । ତାଙ୍କ ମହକିଲ ଧାରା 29 ଅନ୍ତର୍ଗତ କ୍ଷମତା ପ୍ରୟୋଗ କରି କାର୍ଯ୍ୟ କରିଥିଲେ । ସେ 1999 ମସିହା ଅଗଷ୍ଟ 17 ତାରିଖରେ ତାଙ୍କ ମହକିଲଙ୍କ ଦ୍ୱାରା ତହସିଲଦାରଙ୍କୁ ଲେଖାଯାଇଥିବା ଚିଠି ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ଚିଠିର ମୂଳପାଠ ନିମ୍ନରେ ପୁନଃ ଉପସ୍ଥାପିତ ହୋଇଛି ।

*"ଉପରୋକ୍ତ ସମ୍ବନ୍ଧରେ, ଏହା ଆପଣଙ୍କୁ ଜଣାଇବାକୁ ଉଦ୍ଦିଷ୍ଟ ଯେ 21.11.96 ତାରିଖରେ ଏସ୍ ଏଫ୍ ସି ଏସ୍ ଅଧିନିୟମ 1951ର ଧାରା 29 ଅନୁଯାୟୀ ନିଗମ*

*ଦ୍ୱାରା ପୂର୍ବତନ ଏକକ ମେସର୍ସ ଗ୍ରୀନ୍ ଭ୍ୟାଲି (ପି) ଲିମିଟେଡ୍, ଗୋଛାପଡ଼ା ରୋଡ୍, ଫୁଲବାଣୀର ସମ୍ପତ୍ତି (ଜମି ଏବଂ କୋଠା) ବକେୟା ପଇଠ ନକରିବା କାରଣରୁ ଜବତ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ମେସର୍ସ ଓଡ଼ିଶା ଜେସୁଇଟ ସୋସାଇଟି, ଲୋୟୋଲା ଭବନ, 58, ଫରେଷ୍ଟ ପାର୍କ, ଭୁବନେଶ୍ୱର ସପକ୍ଷରେ ସିଧାସଳଖ କ୍ରୟ ଆଧାରରେ ବିକ୍ରି କରାଯାଇଥିଲା । କ୍ରେତା 20.7.99 ତାରିଖରେ ଜମି ଏବଂ କୋଠାଟିର ଦଖଲ ନେଇଛନ୍ତି ।*

*ବର୍ତ୍ତମାନ କ୍ରେତାଙ୍କ ନାମରେ ମାଲିକାନା ଦଲିଲ ହସ୍ତାନ୍ତର ପାଇଁ, ଆପଣଙ୍କୁ ଅନୁରୋଧ କରାଯାଇଛି ଯେ ପୁରୁଣା ଏକକ ଉପରେ ଥିବା ଉପକର ବକେୟା ବିଷୟରେ ଆମକୁ ଜଣାନ୍ତୁ, ଯାହା ଦ୍ୱାରା ଉକ୍ତ ବକେୟା ପରିଶୋଧ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆମ ତରଫରୁ ଗ୍ରହଣ କରାଯିବ ।"*

4. ଶ୍ରୀଯୁକ୍ତ ରାଉତ, ବିଜ୍ଞ ଅତିରିକ୍ତ ସ୍ଥାୟୀ ଅଧିବକ୍ତା ରାଜ୍ୟ ତରଫରୁ ହାଜର ହୁଅନ୍ତି । ସେ ଅତିରିକ୍ତ ଉପ-ଜିଲ୍ଲାପାଳଙ୍କ ଦ୍ୱାରା 27 ଅଗଷ୍ଟ, 2015 ରେ ଦିଆଯାଇଥିବା ଆଦେଶ ପ୍ରତି ଧ୍ୟାନ ଆକର୍ଷଣ କରନ୍ତି । ସେଥିରେ ଦିଆଯାଇଥିବା ଯୁକ୍ତିରୁ ସେ ଦର୍ଶାଇଛନ୍ତି ଯେ ଦଖଲ ମିଆଦି ଅନୁମତି ପତ୍ର ଶିଳ୍ପ ସମ୍ବନ୍ଧୀୟ ଉଦ୍ଦେଶ୍ୟରେ ଥିଲା । ଦଖଲ ମିଆଦି ଅନୁମତି ପତ୍ରର ସର୍ତ୍ତାବଳୀ ପଟ୍ଟାଧାରୀଙ୍କ ଦ୍ୱାରା ପୂରଣ କରାଯାଇ ନଥିଲା । ପ୍ରାରମ୍ଭରେ ଜମି ଟି ଅନାବାଦୀ ଖାତାରେ ଅଭିଲିଖିତ ଥିଲା ଏବଂ, ସେଥିପାଇଁ, ଦଖଲ ମିଆଦି ଅନୁମତି ପତ୍ରର ଉଦ୍ଦେଶ୍ୟ ଏବଂ ସର୍ତ୍ତ ସବୁ ଗୁରୁତ୍ୱପୂର୍ଣ୍ଣ ହୋଇଗଲା । ଯେହେତୁ ଦଖଲ ମିଆଦି ଅନୁମତି ପତ୍ରର ସର୍ତ୍ତାବଳୀ ଉଲ୍ଲଙ୍ଘନ କରାଯାଇଥିଲା, ଜମି ସରକାରୀ ଖାତାକୁ ଫେରାଇ ଦିଆଯିବାର ଥିଲା ଏବଂ ଏହା ହିଁ ନିର୍ଦ୍ଦେଶ ଦିଆଯାଇଥିଲା । ଆକ୍ଷେପିତ ଆଦେଶରେ କିଛି ଭୁଲ ନାହିଁ । ଜମି ବନ୍ଧକ ରଖିବା ଅଧିକାର ପଟ୍ଟାଧାରୀଙ୍କର ନଥିଲା ।

**5.** ସେ ରାଜ୍ୟ ଦ୍ୱାରା କରାଯାଇଥିବା ଦାଖଲ ଖଣ୍ଡନ ପତ୍ରରେ ଅନୁଚ୍ଛେଦ-8 ପ୍ରତି ଧ୍ୟାନ ଆକର୍ଷଣ କରନ୍ତି । ଅନୁଚ୍ଛେଦଟି ନିମ୍ନରେ ପୁନଃ ଉପସ୍ଥାପନ କରାଯାଇଛି ।

*"8. ଯେ, କ୍ଷେତ୍ର ସତ୍ୟାପନ ପାଇଁ ନିୟୋଜିତ ଅମିନଙ୍କ କ୍ଷେତ୍ର ବିବୃତି ପାଇବା ପରେ ଅପିଲ୍ ପ୍ରାଧିକାରୀ ଲକ୍ଷ୍ୟ କରିଛନ୍ତି ଯେ ଦଖଲ ମିଆଦି ଅନୁମତି ପତ୍ରର ଉଦ୍ଦେଶ୍ୟ ଏବଂ ସର୍ତ୍ତ ପଟ୍ଟାଧାରୀଙ୍କ ଦ୍ୱାରା ପୂରଣ କରାଯାଇ ନାହିଁ । ଆହୁରି ମଧ୍ୟ ଦର୍ଶାଯାଇଛି ଯେ* ***ପଟ୍ଟାଧାରୀ ଦଖଲ ମିଆଦି ଅନୁମତି ପତ୍ରର ସର୍ତ୍ତ ଅନୁଯାୟୀ ସମଗ୍ର ଜମି କିମ୍ବା ଦଖଲ ମିଆଦି ଅନୁମତି ପତ୍ର ଜମିର କିଛି ଅଂଶ ହସ୍ତାନ୍ତର ପାଇଁ କନ୍ଧମାଳ ଜିଲ୍ଲାପାଳଙ୍କଠାରୁ କୌଣସି ଲିଖିତ ଅନୁମତି ନେଇ ନାହାଁନ୍ତି । ଯେହେତୁ, ଶିଳ୍ପ ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଦଖଲ ମିଆଦି ଅନୁମତି ପତ୍ର ଜମି ଉପରେ ଓଡ଼ିଶା ରାଜ୍ୟ ଆର୍ଥିକ ନିଗମର କୌଣସି ଅଧିକାର, ମାଲିକାନା ଏବଂ ସ୍ୱାର୍ଥ ନାହିଁ । ଲିଖିତ ଅନୁମତି ବିନା ବନ୍ଧକ ଏବଂ ପରବର୍ତ୍ତୀ ବିକ୍ରୟ କାରବାର ଅସିଦ୍ଧ ଅଟେ ।"***

(ଗୁରୁତ୍ୱାରୋପ କରାଗଲା)

ପରବର୍ତ୍ତୀ ସମୟରେ ସେ 1981 ମସିହା ଜୁନ୍ 10 ତାରିଖରେ ପଟ୍ଟାଦାତା, ଗଣେଶ ଲାଇମ ପ୍ରଡ଼କ୍ଟସ୍ ପ୍ରାଇଭେଟ ଲିମିଟେଡ଼କୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଦଖଲ ମିଆଦି ଅନୁମତି ପତ୍ରର ଦଲିଲ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଏକ ଖଣ୍ଡ ଏବଂ ଏହା ଅଧୀନରେ ଥିବା ସର୍ତ୍ତାବଳୀ ଉପରେ ନିର୍ଭର କରନ୍ତି, ଯାହା ନିମ୍ନରେ ପୁନଃ ଉପସ୍ଥାପନ ହୋଇଛି ।

*"ii. ଯେ* ***ପଟ୍ଟାଧାରୀ ପଟ୍ଟାଦାତାଙ୍କ ଲିଖିତ ସମ୍ମତି ବିନା ସମଗ୍ର ହସ୍ତାନ୍ତରିତ ଜମି କିମ୍ବା ଏହାର କୌଣସି ଅଂଶ ଦଖଲର ସମର୍ପଣ କିମ୍ବା ଉପ ରୟତଙ୍କୁ ଭଡ଼ା କିମ୍ବା ଅନ୍ୟଥା ଅଲଗା କରିପାରିବେ ନାହିଁ,*** *ଯେଉଁ ସମ୍ମତି ଅଯଥା ଭାବରେ ଅଟକାଇ ଯାଇପାରିବ ନାହିଁ ।*

*ପରନ୍ତୁ, ପଟ୍ଟାଧାରୀଙ୍କର ପୁନର୍ଗଠନ କିମ୍ବା କୌଣସି ନୂତନ କମ୍ପାନୀ କିମ୍ବା ନିଗମ ଯାହା ପଟ୍ଟାଧାରୀକୁ ନିୟନ୍ତ୍ରଣରେ ନେବା ପାଇଁ ଗଠିତ, ତାହା ସହିତ*

*ପଟ୍ଟାଧାରୀଙ୍କର କାର୍ଯ୍ୟ ଭାର ମିଶ୍ରଣ କ୍ଷେତ୍ରରେ, ଏହି ଚୁକ୍ତିନାମା ଏପରି ପୁନର୍ଗଠିତ କିମ୍ବା ନୂତନ କମ୍ପାନୀ କିମ୍ବା ନିଗମକୁ ହସ୍ତାନ୍ତରିତ ଜମିକୁ ଅନ୍ତରଣ କରିବା କ୍ଷେତ୍ରରେ ଲାଗୁ ହେବ ନାହିଁ ।*

*ଆହୁରି ମଧ୍ୟ ବ୍ୟବସ୍ଥା କରାଯାଇଛି ଯେ* ***ଉକ୍ତ ହସ୍ତାନ୍ତରିତ ଜମି କିମ୍ବା ତାର କିଛି ଅଂଶର ଉଦ୍ୟୋଗ ପାଇଁ ଋଣ ପ୍ରାପ୍ତ ଉଦ୍ଦେଶ୍ୟରେ ବନ୍ଧକ ମାଧ୍ୟମରେ କୌଣସି ହସ୍ତାନ୍ତର*** *କିମ୍ବା ସମର୍ପଣ ଏବଂ/କିମ୍ବା ପଟ୍ଟାଧାରୀଙ୍କ ଅନ୍ୟାନ୍ୟ କାର୍ଯ୍ୟ କିମ୍ବା କାରଖାନାର ନିର୍ମାଣଧୀନ କାର୍ଯ୍ୟ ଶେଷ କରିବା ପାଇଁ ଏବଂ/କିମ୍ବା ଏହାପରେ ପଟ୍ଟାଧାରୀଙ୍କ ଦ୍ୱାରା ଜାରି ହେଉଥିବା ଋଣପତ୍ର କିମ୍ବା ଋଣପତ୍ର ତହବିଲର କୌଣସି ପ୍ରସଙ୍ଗ ସମ୍ବନ୍ଧରେ ଋଣପତ୍ର ନ୍ୟାସର ନ୍ୟାସୀଙ୍କ ସପକ୍ଷରେ ଏହି ଚୁକ୍ତିନାମା ପ୍ରୟୋଗ ହେବ ନାହିଁ ।"*

(ଗୁରୁତ୍ୱାରୋପ କରାଗଲା)

ସେ ଅନ୍ୟ ଏକ ଖଣ୍ଡ ଉପରେ ମଧ୍ୟ ନିର୍ଭର କରନ୍ତି, ଯାହା ନିମ୍ନରେ ପୁନଃ ଉପସ୍ଥାପନ କରାଯାଇଛି ।

*"ii. ଏଠାରେ ପଟ୍ଟାଧାରୀଙ୍କୁ ମଞ୍ଜୁର ହୋଇଥିବା କୌଣସି ସର୍ତ୍ତର ଭଙ୍ଗ କିମ୍ବା ଅପାଳନ ଉପରେ, ପଟ୍ଟାଦାତା ଘୋଷଣା କରିପାରିବେ ଯେ ଦଖଲ ମିଆଦି ଅନୁମତି ପତ୍ର ଧାର୍ଯ୍ୟ କରାଯାଇଛି ଏବଂ ଜିଲ୍ଲାପାଳ, ବୌଦ୍ଧ-କନ୍ଧମାଳ କିମ୍ବା କୌଣସି ଅଧିକାରୀ କିମ୍ବା ପଟ୍ଟାଦାତା ଦ୍ୱାରା ତାଙ୍କ ତରଫରୁ ନିଯୁକ୍ତ କୌଣସି ବ୍ୟକ୍ତି ପୁନଃ ପ୍ରବେଶ କରିବାକୁ ଏବଂ ହସ୍ତାନ୍ତରିତ ଜମି ଏବଂ ତା 'ଉପରେ ନିର୍ମିତ କୋଠା ଏବଂ ଅନ୍ୟାନ୍ୟ ସଂରଚନା ତଥା ଗଚ୍ଛିତ ସାମଗ୍ରୀ ଏବଂ ଭଣ୍ଡାର ଦଖଲ କରିବାକୁ ହକଦାର ହେବେ ।*

*ତଥାପି ବ୍ୟବସ୍ଥା ରଖାଯାଇଛି ଯେ ଏପରି ପୁନଃପ୍ରବେଶ ପୂର୍ବରୁ ପଟ୍ଟାଦାତା ପଟ୍ଟାଧାରୀଙ୍କୁ ତାଙ୍କର ଏପରି ଉଦ୍ଦେଶ୍ୟ ବିଷୟରେ ଲିଖିତ ସୂଚନା ଦେବେ ଏବଂ*

*ପଟ୍ଟାଦାତାଙ୍କ ଏପରି ବିଜ୍ଞପ୍ତି ତାରିଖ ଠାରୁ ତିନି ମାସ ମଧ୍ୟରେ ଅଭିଯୋଗ କରାଯାଇଥିବା ସର୍ତ୍ତ ଉଲଂଘନ କିମ୍ବା ଅପାଳନକୁ ପ୍ରତିକାର କରିବାର ଅଧିକାର ପଟ୍ଟାଧାରୀଙ୍କ ରହିବ, ଯେଉଁ ପରିସ୍ଥିତିରେ ପଟ୍ଟାଦାତା ପୁନର୍ବାର ପ୍ରବେଶ କରିବାକୁ ଏବଂ ଦଖଲ କରିବାକୁ ହକଦାର ହେବେ ନାହିଁ ।*

ନ୍ୟାୟାଳୟଙ୍କ ଦ୍ୱାରା ପଚରାଯିବାରୁ ଶ୍ରୀଯୁକ୍ତ ରାଉତ ଉପସ୍ଥାପନା କରିଛନ୍ତି, ପୁନରାରମ୍ଭ ପ୍ରକ୍ରିୟା ଆରମ୍ଭ କରିବାର କୌଣସି ଆବଶ୍ୟକତା ନଥିଲା । ଏହାର କାରଣ ଥିଲା ଉକ୍ତ ଅପିଲ୍ ଆଦେଶ ଏବଂ ସଂଶୋଧନରେ ଥିବା ଆକ୍ଷେପିତ ଆଦେଶ, ଯେଉଁଥିରେ ଆବେଦନକାରୀଙ୍କୁ ହସ୍ତାନ୍ତର ବେଆଇନ ବୋଲି ଜଣାପଡ଼ିଲା । ନ୍ୟାୟାଳୟ ଦ୍ୱାରା ପୁନଶ୍ଚ ପ୍ରଶ୍ନ ଉପରେ ଶ୍ରୀ ରାଉତ ଆକ୍ଷେପିତ ଆଦେଶ ବିଷୟରେ ସୂଚେଇଛନ୍ତି, ଯେଉଁଥିରେ ତହସିଲଦାରଙ୍କ କ୍ଷେତ୍ର ସତ୍ୟାପନ ବିବୃତିର ନିର୍ଭରଶୀଳତା ଉପରେ, ସ୍ପଷ୍ଟ ଅଭିଲେଖ ଅଛି ଯେ ଆବେଦନକାରୀ ଏପର୍ଯ୍ୟନ୍ତ ଦଖଲରେ ଥିଲେ ଏବଂ ଅଛନ୍ତି । ଶ୍ରୀଯୁକ୍ତ ଦାଶ ଦର୍ଶାଇଛନ୍ତି, ଆକ୍ଷେପିତ ଆଦେଶ ମଧ୍ୟ 20 ଜୁଲାଇ, 1999 ର ଦଖଲ ପତ୍ର ଦ୍ୱାରା ଦଖଲର ଅଭିଲେଖ କରେ ।

6. ପ୍ରଥମ ଏବଂ ସବୁଠୁ ମହତ୍ତ୍ୱପୂର୍ଣ୍ଣ, ଏହା କହିବା ଉଚିତ ହେବ ଯେ ଉପରୋକ୍ତ ଅନୁଯାୟୀ, 29 ଜାନୁଆରୀ, 2003 ରେ ହସ୍ତାନ୍ତର ଦଲିଲ ଦ୍ୱାରା ଅବେଦନକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ହସ୍ତାନ୍ତରକାରୀ ଥିଲେ ଆର୍ଥିକ ନିଗମ ଏବଂ ହସ୍ତାନ୍ତରଗ୍ରାହୀ, ଆବେଦନକାରୀ । ମୂଳ ପଟ୍ଟାଧାରୀ ଯିଏ ହସ୍ତାନ୍ତରକାରୀ ନଥିଲେ, ତାଙ୍କ ଦ୍ୱାରା ଚୁକ୍ତି ଭଙ୍ଗ ହୋଇଥିବା ନେଇ ପ୍ରଶ୍ନ ଉଠୁନାହିଁ । ଉଠୁଥିବା ପ୍ରଶ୍ନଟି ହେଉଛି ପ୍ରତିପକ୍ଷ ସଂଖ୍ୟା 4 ଏହିପରି ହସ୍ତାନ୍ତର କରିପାରିଥାଆନ୍ତେ କି?

**7.** ରାଜ୍ୟ ଆର୍ଥିକ ନିଗମ ଅଧିନିୟମ, 1951 ର ଧାରା 29 ରେ ସ୍ପଷ୍ଟ ଭାବରେ ଆର୍ଥିକ ନିଗମକୁ ଶିଳ୍ପ ସଂସ୍ଥାର ପରିଚାଳନା କିମ୍ବା ଦଖଲ କିମ୍ବା ଉଭୟ ନିୟନ୍ତ୍ରଣରେ ନେବାର ଅଧିକାର ଏବଂ ଦଖଲ ମିଆଦି ଅନୁମତି ପତ୍ର କିମ୍ବା ବିକ୍ରୟ ମାଧ୍ୟମରେ ଅନ୍ତରଣ ଅଧିକାର ଏବଂ ଆର୍ଥିକ ନିଗମକୁ ବନ୍ଧକ ବା ଚଳନ ବନ୍ଧକ ହୋଇଥିବା ସମ୍ପତ୍ତିର ଅନ୍ୟାନ୍ୟ ବିଷୟ ମଧ୍ୟରେ, ଆଦାୟ କରିବାର ନିର୍ଦ୍ଦେଶ ଅଛି । ଅଧିକନ୍ତୁ, ବ୍ୟବସ୍ଥା ଏହା ମଧ୍ୟ ଅଛି ଯେ ନିଗମ ଦ୍ୱାରା

ନିଜର କ୍ଷମତାରେ କରାଯାଇଥିବା ସମ୍ପତ୍ତିର କୌଣସି ଅନ୍ତରଣ ସମ୍ପତ୍ତିରେ ସବୁ ଅଧିକାର ଅନ୍ତରଣଗ୍ରାହୀ ଙ୍କୁ ନ୍ୟସ୍ତ କରିବ, ସତେ ଅବା ଅନ୍ତରଣ ସମ୍ପତ୍ତିର ମାଲିକଙ୍କ ଦ୍ଵାରା ହୋଇଛି । ଏହି ଧାରାରେ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟ ରହିଛି । ତେଣୁ, ଏହା ଯଥେଷ୍ଟ ଯେ ଅନ୍ତରଣ ବିଧିବଦ୍ଧ ଭାବେ କରାଯାଇଥିଲା ଏବଂ ତାହାକୁ କୌଣସି ଆପତ୍ତି କରାଯାଇନାହିଁ । ମୂଳ ପଟ୍ଟାଧାରୀ ଦ୍ଵାରା କରାଯାଇଥିବା ଦଖଲ ମିଆଦି ଅନୁମତି ପତ୍ରର ସର୍ତ୍ତ ଉଲ୍ଲଙ୍ଘନ ଉପରେ ରାଜ୍ୟ ଦ୍ଵାରା କରାଯାଇଥିବା ଆପତ୍ତି କିମ୍ବା ପ୍ରତିରୋଧ ଆଧାରିତ ।  ତଥାପି, ଏଠାରେ, ପଟ୍ଟାଧାରୀଙ୍କ  ଅଧିକାର ଏବଂ ସ୍ଵାର୍ଥ ଏହା ଦ୍ଵାରା ନୁହେଁ ବରଂ ନିଗମ  ଦ୍ଵାରା ଅନ୍ତରଣ ହୋଇଥିଲା, ଯାହାକି ଆଇନ ଦ୍ଵାରା ଅନୁମୋଦିତ ।

8. ଆମେ 1981 ମସିହା ଜୁନ୍ 10 ତାରିଖର ମୂଳ ଦଖଲ ମିଆଦି ଅନୁମତି ପତ୍ର ଦଲିଲ ସହିତ  ଭରସା ଯୋଗ୍ୟ ପୁନଃ ଉପସ୍ଥାପିତ ଖଣ୍ଡ ଉପରେ ଦୃଷ୍ଟି ଦେଇଛୁ । ଆମେ ଲକ୍ଷ୍ୟ କରିଛୁ ଯେ ରାଜ୍ୟ ଦ୍ଵାରା ନିର୍ଭରଶୀଳ ପ୍ରଥମ ଉପ-ଖଣ୍ଡ (ii) ଅନ୍ତର୍ଗତ ଦ୍ଵିତୀୟ ସର୍ତ୍ତ ସ୍ପଷ୍ଟ ଭାବେ କହୁଛି ଯେ ଏହି ଚୁକ୍ତିନାମା ଉଦ୍ୟୋଗ ପାଇଁ ଅନ୍ୟାନ୍ୟ ବିଷୟ ମଧ୍ୟରେ ଋଣ ପ୍ରାପ୍ତି ପାଇଁ ବନ୍ଧକ ଦ୍ଵାରା ହସ୍ତାନ୍ତରିତ ଜମିର ବା ତାର କୌଣସି ଅଂଶର ଅନ୍ତରଣ ବା ସମର୍ପଣ କୁ ଲାଗୁ ହେବ ନାହିଁ । ମୂଳ ପଟ୍ଟାଧାରୀଙ୍କ ଦ୍ଵାରା ବନ୍ଧକ ରଖାଯାଇଥିବା ସମ୍ପତ୍ତି ବେଆଇନ ଥିଲା ବୋଲି ଦର୍ଶାଇବା ପାଇଁ ଅଭିଲେଖରେ କିଛି ନାହିଁ । ତଦନୁସାରେ, ନିଗମ ମୂଳ ପଟ୍ଟାଧାରୀଙ୍କ ଆର୍ଥିକ ସୁବିଧା ପ୍ରାପ୍ତ ଯୋଗୁଁ ନିଜ ପାଖରେ ବନ୍ଧକ ଥିବା ଓ ନିଜ ଦଖଲରେ ଥିବା ହସ୍ତାନ୍ତରିତ ଜମିରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଜ କ୍ଷମତା ପ୍ରୟୋଗରେ କାର୍ଯ୍ୟ କରିଥିଲେ ।

**9.** ସଂଶୋଧନରେ ଆକ୍ଷେପିତ ଆଦେଶ ରଦ୍ଦ ଏବଂ ଖାରଜ କରି ଦିଆଗଲା । ଶ୍ରୀଯୁକ୍ତ ଦାଶଙ୍କ ଉପସ୍ଥାପନା ଅନୁସାରେ ସମ୍ପୃକ୍ତ ଅଧିକାରୀ, ଜିଲ୍ଲାପାଳଙ୍କୁ ଯୋଗାଯୋଗର ଚାରି ସପ୍ତାହ ମଧ୍ୟରେ ସହାୟକ ବନ୍ଦୋବସ୍ତ ଅଧିକାରୀ (ଏ.ଏସ୍.ଓ.) ଙ୍କ ଦ୍ଵାରା 24 ସେପ୍ଟେମ୍ବର, 2014 ରେ କରାଯାଇଥିବା ଆଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦିଆଗଲା । ଏହାର କାରଣ ହେଉଛି ଧାରା 29 ର କାର୍ଯ୍ୟକାରିତା ଦ୍ଵାରା ଆବେଦନକାରୀ ସମାନ ସର୍ତ୍ତାବଳୀ ଉପରେ ଦଖଲ ମିଆଦି ଅନୁମତି ପତ୍ରର ସମର୍ପଣ ଗ୍ରାହୀ ।



HIGH COURT ORISSA सत्यमेव जयते

10. ରିଟ୍ ଆବେଦନର ସମାଧାନ ହେଲା ।

*(ଅରିନ୍ଦମ ସିହ୍ନା)*
*ନ୍ୟାୟମୂର୍ତ୍ତି*

*(ଏସ୍.କେ. ମିଶ୍ର)*
*ନ୍ୟାୟମୂର୍ତ୍ତି*

*ଏସ୍.କେ.ଏସ୍*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

ଶ୍ରୀ ଦୀପକ କୁମାର ସାହୁ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ

HIGH COURT ORISSA सत्यमेव जयते